**ରତନ ଦେବ**

**ବନାମ**

**ପାସାମ ଦେବୀ**

**ସେପ୍ଟେମ୍ବର 13, 2002**

**[ଆର୍. ସି. ଲାହୋଟୀ ଏବଂ ବ୍ରିଜେଶ୍ କୁମାର, ନ୍ୟାୟମୂର୍ତ୍ତିଦ୍ୱୟ]**

*ଦେୱାନୀ ପ୍ରକ୍ରିୟା ସଂହିତା, 1908:*

*ଧାରା 100 - ଦ୍ୱିତୀୟ ଅପିଲ - ଗୁରୁତ୍ୱପୂର୍ଣ୍ଣ ବିଧିଗତ ପ୍ରଶ୍ନ - ସ୍ଥାୟୀ ନିଷିଦ୍ଧାଦେଶ ପାଇଁ ମକଦ୍ଦମା - ବାଦୀଙ୍କ ପକ୍ଷରୁ ବିଶେଷ କ୍ଷମତାପତ୍ରଧାରୀଙ୍କୁ ଏବଂ ଅନ୍ୟ ସାକ୍ଷୀମାନଙ୍କୁ ଜେରା କରାଯାଇଛି, କିନ୍ତୁ ବାଦୀଙ୍କୁ କରାଯାଇନାହିଁ - ମକଦ୍ଦମାର ଡିକ୍ରି ହୋଇଛି - ବାଦୀଙ୍କ ଜେରା ହୋଇନଥିବାରୁ ପ୍ରଥମ ଅପିଲୀୟ ନ୍ୟାୟାଳୟ ତାଙ୍କ ବିରୁଦ୍ଧରେ ପ୍ରତିକୂଳ ଅନୁମାନ ନେଇଥିଲେ ଏବଂ ମକଦ୍ଦମାକୁ ଖାରଜ କରିଦେଇଥିଲେ - ଉଚ୍ଚ ନ୍ୟାୟାଳୟ କହିଛନ୍ତି ଯେ ପ୍ରଥମ ଅପିଲୀୟ ନ୍ୟାୟାଳୟଙ୍କ ଦ୍ୱାରା ପହଞ୍ଚାଯାଇଥିବା ସିଦ୍ଧାନ୍ତ ସମ୍ପୂର୍ଣ୍ଣ ଭାବେ ତଥ୍ୟଗତ ସିଦ୍ଧାନ୍ତ ଥିଲା ଏବଂ ସେଠାରେ କୌଣସି ବିଧିଗତ ପ୍ରଶ୍ନ ଉପୁଜି ନଥିଲା – ଏହା ନିର୍ଣ୍ଣୟ ନିଆଯାଇଥିଲା ଯେ, ବାଦୀଙ୍କୁ ଜେରା ନକରାଯିବାର ତଥ୍ୟ ସହିତ ନଥିରେ ଉପଲବ୍ଧ ସମସ୍ତ ପ୍ରମାଣ ଉପରେ ନିଜର ବିଚାର ପ୍ରୟୋଗ କରିବା ପ୍ରଥମ ଅପିଲୀୟ ନ୍ୟାୟାଳୟଙ୍କ ପକ୍ଷେ ବାଧ୍ୟତାମୂଳକ ଥିଲା ଏବଂ ତାହା ପରେ ବିଚାର କରୁଥିବା ନ୍ୟାୟାଳୟଙ୍କ ସିଦ୍ଧାନ୍ତର ବୈଧତାକୁ ଯାଞ୍ଚ କରିବାର ଥିଲା - ଯେଉଁ ପରି ଭାବେ ପ୍ରଥମ ଅପିଲୀୟ ନ୍ୟାୟାଳୟଙ୍କ ଦ୍ୱାରା ଅପିଲର ଫଏସଲା କରାଯାଇଛି, ତାହା ସନ୍ତୋଷଜନକ ବୋଲି କୁହାଯାଇପାରିବ ନାହିଁ - ଉପଲବ୍ଧ ଅନ୍ୟାନ୍ୟ ତଥ୍ୟକୁ ଅପିଲୀୟ ନ୍ୟାୟାଳୟ ଧ୍ୟାନ ନଦେବା ଏବଂ ଫଳସ୍ୱରୂପ ଏହାର ନ୍ୟାୟିକ ଦାୟିତ୍ୱ ନିର୍ବାହ କରିବାରେ ବିଫଳତା, ପକ୍ଷମାନଙ୍କ ଅଧିକାର ଉପରେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ପକାଇ ଏକ ବିଧିଗତ ପ୍ରଶ୍ନ ଉଠାଇଥିଲା ଏବଂ, ସେଥିପାଇଁ, ଦ୍ୱିତୀୟ ଅପିଲ ଯୋଗ୍ୟତା ଆଧାରରେ ଶୁଣାଣିର ଯୋଗ୍ୟ ଥିଲା - ତେବେ, ଯେହେତୁ ପ୍ରଥମ ଅପିଲୀୟ ନ୍ୟାୟାଳୟ ଏହାର ବୈଧାନିକ ଏବଂ ନ୍ୟାୟିକ ଦାୟିତ୍ୱ ନିର୍ବାହ କରିବାରେ ବିଫଳ ହୋଇଥିଲେ, ତାହା ପୁଣି ସେତେବେଳେ ଯେବେ ଏହା ଏକ ପୂର୍ବବର୍ତ୍ତୀ ରାୟକୁ ପ୍ରତ୍ୟାହାର କରିଥିବା ବିପରୀତ ରାୟ ଅଟେ, ତେଣୁ ଯଦି ପ୍ରଥମ ଅପିଲର ନୂତନ ଭାବରେ ଶୁଣାଣି ହୁଏ, ତେବେ ଏହା ନ୍ୟାୟର ଲକ୍ଷ୍ୟ ପୂରଣ କରିବ - ଉଚ୍ଚ ନ୍ୟାୟାଳୟଙ୍କ ଆଦେଶ ତଥା ପ୍ରଥମ ଅପଲୀୟ ନ୍ୟାୟାଳୟଙ୍କ ରାୟ ଏବଂ ଡିକ୍ରିକୁ ରଦ୍ଦ କରାଯାଇଛି - ପ୍ରଥମ ଅପିଲକୁ ପ୍ରଥମ ଅପଲୀୟ ନ୍ୟାୟାଳୟଙ୍କ ତାଲିକାରେ ପୁନଃସ୍ଥାପିତ କରି ପୁନଃ ନିର୍ଣ୍ଣୟ ପାଇଁ ପ୍ରେରଣ କରାଗଲା।*

*ଈଶ୍ୱର ଭାଇ ସି. ପଟେଲ ଓରଫ ବଚୁ ଭାଇ ପଟେଲ ବନାମ ହରିହର ବେହରା ଏବଂ ଅନ୍ୟଜଣେ,* **[1999] 3 SCC 457 ମାମଲାଟିକୁ ଉଲ୍ଲେଖ କରାଯାଇଛି ।**

ଦେୱାନୀ ଅପିଲ ଅଧିକାରିତା: ଦେୱାନୀ ଅପିଲ ସଂଖ୍ୟା 5838/2002 ।

R.S.A. ସଂଖ୍ୟା 174/2001 ରେ ହିମାଚଳ ପ୍ରଦେଶ ଉଚ୍ଚ ନ୍ୟାୟାଳୟଙ୍କ 26.4.2001 ର ରାୟ ଏବଂ ଆଦେଶରୁ ଅପିଲ ।

ଅପିଲକାରୀଙ୍କ ତରଫରୁ ରବି ବକ୍ସି ଏବଂ ବରିନ୍ଦର କୁମାର ଶର୍ମା ।

ଉତ୍ତରଦାତାଙ୍କ ତରଫରୁ ଏ. କେ. ନାଗ୍, ଆର୍. କେ. ବଂଶଲ ଏବଂ ଅକ୍ଷୟ କୁମାର ଘାଇ ।

ନ୍ୟାୟାଳୟଙ୍କ ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା:

ଅନୁମତି ପ୍ରଦାନ କରାଗଲା ।

ଏଠାରେ ଥିବା ଅପିଲକାରୀଙ୍କ ଦ୍ୱାରା ସ୍ଥାୟୀ ପ୍ରତିଷେଧକ ନିଷିଦ୍ଧାଦେଶ ଜାରି କରିବା ପାଇଁ ଦାୟର ହୋଇଥିବା ଏକ ମକଦ୍ଦମାରେ ବିଚାର କରୁଥିବା ନ୍ୟାୟାଳୟଙ୍କ ଦ୍ୱାରା ଡିକ୍ରି ହୋଇଥିଲା । ପ୍ରତିବାଦୀ ଜଣକ ଏକ ଅପିଲ କରିଥିଲେ । ପ୍ରଥମ ଅପଲୀୟ ନ୍ୟାୟାଳୟ ବିଚାର କରୁଥିବା ନ୍ୟାୟାଳୟଙ୍କ ଡିକ୍ରିକୁ ଓଲଟାଇ ଦେଇଥିଲେ ଏବଂ ମକଦ୍ଦମାକୁ ଖାରଜ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ବାଦୀ ଏକ ଦ୍ୱିତୀୟ ଅପିଲ କରିଥିଲେ ଯାହା ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା *ପ୍ରାରମ୍ଭରେ* ଖାରଜ ହୋଇଯାଇଛି, ଯାହା ଏକ ମତ ଗଠନ କରେ ଯେ ପ୍ରଥମ ଅପଲୀୟ ନ୍ୟାୟାଳୟଙ୍କ ଦ୍ୱାରା ପହଞ୍ଚାଯାଇଥିବା ସିଦ୍ଧାନ୍ତ ସମ୍ପୂର୍ଣ୍ଣ ଭାବେ ତଥ୍ୟଗତ ସିଦ୍ଧାନ୍ତ ଥିଲା ଏବଂ ଦେୱାନୀ ପ୍ରକ୍ରିୟା ସଂହିତାର ଧାରା 100 ର ଅର୍ଥ ମଧ୍ୟରେ କୌଣସି ବିଧିଗତ ପ୍ରଶ୍ନ ବିଚାର ପାଇଁ ଉପୁଜି ନଥିଲା ।

ପ୍ରଥମ ଅପଲୀୟ ନ୍ୟାୟାଳୟଙ୍କ ରାୟକୁ ଅନୁଧ୍ୟାନ କଲେ ଜଣାପଡ଼େ ଯେ ଯଦିଓ ବାଦୀ-ଅପିଲକାରୀଙ୍କ ବିଶେଷ କ୍ଷମତାପତ୍ରଧାରୀଙ୍କୁ ଏବଂ ଅନ୍ୟ ସାକ୍ଷୀମାନଙ୍କୁ ବାଦୀଙ୍କ ଦ୍ୱାରା ଜେରା କରାଯାଇଥିଲା, ତେବେ ସେ ନିଜେ ସାକ୍ଷୀ କାଠଗଡ଼ାରେ ଉପସ୍ଥିତ ହୋଇନଥିଲେ । ବାଦୀଙ୍କୁ ଜେରା ନକରାଯିବା ଦ୍ୱାରା ପ୍ରଭାବିତ ହୋଇ ପ୍ରଥମ ଅପଲୀୟ ନ୍ୟାୟାଳୟ ତାଙ୍କ ବିରୁଦ୍ଧରେ ଏକ ପ୍ରତିକୂଳ ଅନୁମାନ ନେଇଥିଲେ ଏବଂ କେବଳ ବାଦୀଙ୍କୁ ଜେରା କରା ନଯିବା ଆଧାରରେ ମକଦ୍ଦମାକୁ ଖାରଜ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ପ୍ରଥମ ଅପଲୀୟ ନ୍ୟାୟାଳୟଙ୍କ ରାୟ ଦର୍ଶାଏ ଯେ ଯଦିଓ ନଥିରେ ଅନ୍ୟ ସାକ୍ଷ୍ୟପ୍ରମାଣ ଉପଲବ୍ଧ ଥିଲା, ତେବେ ଏହା ପ୍ରଥମ ଅପଲୀୟ ନ୍ୟାୟାଳୟଙ୍କ ଧ୍ୟାନ ଆଦୌ ଆକର୍ଷଣ କରିନଥିଲା ।

ଆମ୍ଭ ମତରେ, ନଥିରେ ଉପଲବ୍ଧ ସମସ୍ତ ପ୍ରମାଣ ଉପରେ ନିଜର ବିଚାର ପ୍ରୟୋଗ କରିବା ପ୍ରଥମ ଅପିଲୀୟ ନ୍ୟାୟାଳୟଙ୍କ ପକ୍ଷେ ବାଧ୍ୟତାମୂଳକ ଥିଲା ଏବଂ ତାହା ପରେ ବିଚାର କରୁଥିବା ନ୍ୟାୟାଳୟଙ୍କ ଦ୍ୱାରା ପହଞ୍ଚାଯାଇଥିବା ସିଦ୍ଧାନ୍ତର ବୈଧତାକୁ ଯାଞ୍ଚ କରିବାର ଥିଲା । ଏପରି କରିବା ସମୟରେ, ପ୍ରଥମ ଅପିଲୀୟ ନ୍ୟାୟାଳୟ ବାଦୀଙ୍କୁ ଜେରା ନକରାଯିବାର ତଥ୍ୟକୁ ମଧ୍ୟ ବିଚାରକୁ ନେଇପାରିଥାନ୍ତେ । ଯେଉଁ ପରି ଭାବେ ପ୍ରଥମ ଅପିଲୀୟ ନ୍ୟାୟାଳୟଙ୍କ ଦ୍ୱାରା ଅପିଲର ଫଏସଲା କରାଯାଇଛି, ତାହା ସନ୍ତୋଷଜନକ ବୋଲି କୁହାଯାଇପାରିବ ନାହିଁ । ଉପଲବ୍ଧ ଅନ୍ୟାନ୍ୟ ତଥ୍ୟ ଉପରେ ଅପିଲୀୟ ନ୍ୟାୟାଳୟ ନିଜର ବିଚାର ପ୍ରୟୋଗ ନକରିବା ଏବଂ ଫଳସ୍ୱରୂପ ଏହାର ନ୍ୟାୟିକ ଦାୟିତ୍ୱ ନିର୍ବାହ କରିବାରେ ବିଫଳତା, ପକ୍ଷମାନଙ୍କ ଅଧିକାର ଉପରେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ପକାଇ ଏକ ବିଧିଗତ ପ୍ରଶ୍ନ ଉଠାଇଥିଲା ଏବଂ, ସେଥିପାଇଁ, ଦ୍ୱିତୀୟ ଅପିଲ ଯୋଗ୍ୟତା ଆଧାରରେ ଶୁଣାଣିର ଯୋଗ୍ୟ ଥିଲା ।

ଉତ୍ତରଦାତାଙ୍କ ପାଇଁ ବିଜ୍ଞ ଓକିଲ *ଈଶ୍ୱର ଭାଇ ସି. ପଟେଲ ଓରଫ ବଚୁ ଭାଇ ପଟେଲ ବନାମ ହରିହର ବେହେରା ଏବଂ ଅନ୍ୟଜଣେ,* [1999] 3 SCC, 457 ମାମଲା ଉପରେ ନିର୍ଭର କରିଥିଲେ, ଯେଉଁଥିରେ ଏହି ନ୍ୟାୟାଳୟ ଗୁରୁତ୍ୱାରୋପ କରିଛନ୍ତି ଯେ ବାଦୀ ନିଜେ ସାକ୍ଷୀ କାଠଗଡ଼ାରେ ହାଜର ନ ହେବା ଏବଂ ଏହା ଫଳରେ ପ୍ରତିବାଦୀଙ୍କୁ ବାଦୀଙ୍କ ପୁନଃ ଜେରା କରିବା ସୁଯୋଗରୁ ବଞ୍ଚିତ କରିବା ଦ୍ୱାରା ବାଦୀଙ୍କ ବିରୁଦ୍ଧରେ ଏକ ପ୍ରତିକୂଳ ଅନୁମାନ ନିଆଯାଇଛି । ଆଇନର ସେହି ସ୍ଥିତି ସନ୍ଦେହାତୀତ ଅଟେ । ତଥାପି, ଯେପରି ଆମ୍ଭେ ପୂର୍ବରୁ କହିସାରିଛୁ, ଯେ ଏହା ଏକ ତଥ୍ୟ ଯାହାକୁ ଧ୍ୟାନରେ ରଖିବା ଉଚିତ ଏବଂ ନଥିରେ ଉପଲବ୍ଧ ଅନ୍ୟ ମୌଖିକ ଏବଂ ଦସ୍ତାବିଜଭିତ୍ତିକ ସାକ୍ଷ୍ୟକୁ ଗ୍ରହଣ କରିବା ସମୟରେ ପ୍ରଥମ ଅପିଲୀୟ ନ୍ୟାୟାଳୟ ଏହାକୁ ବିଚାରକୁ ନେବା ଆବଶ୍ୟକ । ଏହା ହୋଇପାରେ ଯେ ବାଦୀଙ୍କ ଦ୍ୱାରା ଉପସ୍ଥାପିତ ଅନ୍ୟ ସାକ୍ଷ୍ୟ ପ୍ରମାଣ - ମୌଖିକ ଏବଂ ଦସ୍ତାବିଜଭିତ୍ତିକ - କିମ୍ବା ଅନ୍ୟଥା ନଥିରେ ଅଣାଯାଇଥିବା ସାକ୍ଷ୍ୟ ପ୍ରମାଣରୁ, ବାଦୀ ତାଙ୍କ ଉପରେ ନ୍ୟସ୍ତ ଥିବା ଦାୟିତ୍ୱକୁ ନିର୍ବାହ କରିବାରେ ସକ୍ଷମ ହୋଇଛନ୍ତି, ଏବଂ ନ୍ୟାୟାଳୟ ସେହି ମତ ଗଠନ କରୁଥିବା ବଶବର୍ତ୍ତୀ, ସାକ୍ଷୀ କାଠଗଡ଼ାରୁ କେବଳ ବାଦୀଙ୍କ ନିଜସ୍ୱ ଅନୁପସ୍ଥିତିର କୌଣସି ଗୁରୁତ୍ୱ ରହିନପାରେ ।

ଏହି ମାମଲାର ତଥ୍ୟ ଏବଂ ପରିସ୍ଥିତିକୁ ଦୃଷ୍ଟିରେ ରଖି ମାମଲାଟିକୁ ପୁନଃ ଶୁଣାଣି ପାଇଁ ଉଚ୍ଚ ନ୍ୟାୟାଳୟଙ୍କୁ ପଠାଇବା ଦ୍ୱାରା କେବଳ ମକଦ୍ଦମାର ଅବଧି ବୃଦ୍ଧି ହେବ । ଯେହେତୁ ଆମ୍ଭେ ସନ୍ତୁଷ୍ଟ ଯେ ପ୍ରଥମ ଅପିଲୀୟ ନ୍ୟାୟାଳୟ ଏହାର ବୈଧାନିକ ଏବଂ ନ୍ୟାୟିକ ଦାୟିତ୍ୱ ନିର୍ବାହ କରିବାରେ ବିଫଳ ହୋଇଥିଲେ, ତାହା ପୁଣି ସେତେବେଳେ ଯେବେ ଏହା ଏକ ପୂର୍ବବର୍ତ୍ତୀ ରାୟକୁ ପ୍ରତ୍ୟାହାର କରିଥିବା

ବିପରୀତ ରାୟ ଅଟେ, ତେଣୁ ଯଦି ପ୍ରଥମ ଅପିଲର ନୂତନ ଭାବରେ ଶୁଣାଣି ହେବ ତେବେ ଏହା ନ୍ୟାୟର ଲକ୍ଷ୍ୟ ପୂରଣ କରିବ ।

ଅପିଲକୁ ଅନୁମତି ଦିଆଯାଇଛି । ଅପିଲଟିକୁ ପ୍ରାରମ୍ଭରେ ଖାରଜ କରିଥିବା ଉଚ୍ଚ ନ୍ୟାୟାଳୟଙ୍କ ଆଦେଶ ତଥା ପ୍ରଥମ ଅପଲୀୟ ନ୍ୟାୟାଳୟଙ୍କ ରାୟ ଏବଂ ଡିକ୍ରିକୁ ବାତିଲ କରାଯାଇଛି । ଏହି ଅପିଲଟି ପ୍ରଥମ ଅପଲୀୟ ନ୍ୟାୟାଳୟଙ୍କ ତାଲିକାରେ ପୁନଃସ୍ଥାପିତ ହେବ, ଯାହାର ଶୁଣାଣି ଏବଂ ନିର୍ଣ୍ଣୟ ଏଠାରେ ଦିଆଯାଇଥିବା ପର୍ଯ୍ୟବେକ୍ଷଣ ସହିତ ସୁସଂଗତ ଭାବରେ ଏବଂ ଆଇନ ଅନୁଯାୟୀ ନୂତନ ଭାବରେ କରାଯିବ ।

ଖର୍ଚ୍ଚ ସମ୍ବନ୍ଧରେ କୌଣସି ଆଦେଶ ଦିଆଯାଇନାହିଁ ।

ଆର୍. ପି.　　　　　　　　　　　　　　　ଅପିଲକୁ ଅନୁମତି ଦିଆଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ" ।

***ଭାଷାନ୍ତର :***

ଅମରେଶ୍ୱର ମିଶ୍ର, ଅନୁବାଦକ,
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।